# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 May - 2026

***********************************

## ମୁଖ୍ୟ ସମ୍ବାଦ

- ଅନ୍ତର୍ଜାତୀୟ ସେବିକା ଦିବସ ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୫ ଜଣଙ୍କୁ 'ଫ୍ଲୋରେନ୍ସ ନାଇଟିଙ୍ଗିଲ୍' ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି
- ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନେଇ ନିଟ୍ ୟୁଜି ପରୀକ୍ଷା-୨୦୨୬ ବାତିଲ
- ଆସାମର ମୁଖ୍ୟମନ୍ତ୍ରୀ ଭାବେ ଲଗାତାର ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କଲେ ହିମନ୍ତ ବିଶ୍ୱଶର୍ମା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆସନ୍ତା ୪୮ଘଣ୍ଟା ମଧ୍ୟରେ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବା ସମ୍ଭାବନା

# ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ  ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ମଇ ମାସ ୧୨ ତାରିଖକୁ ନର୍ସି ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ସେବିକା ଦିବସର ବାର୍ତ୍ତା ରହିଛି ‘ଆମ ନର୍ସ, ଆମ ଭବିଷ୍ୟତ: ନର୍ସଙ୍କୁ ସଶକ୍ତ କରିବା, ଜୀବନ ବଞ୍ଚାଇବା’। ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ଆଜି ଜାତୀୟ ଫ୍ଲୋରେନ୍ସ୍ ନାଇଟିଙ୍ଗଲ ପୁରସ୍କାର-୨୦୨୬ ପ୍ରଦାନ କରାଯାଇଛି। **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ନର୍ସିଂ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୫ ଜଣ ବୃତ୍ତିଧାରୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସମାବେଶକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ନର୍ସିଂ କର୍ମଚାରୀ ସେବାର ସର୍ବୋଚ୍ଚ ମାନଦଣ୍ଡକୁ ପ୍ରତିପାଦନ କରିବା ସହ ଅତ୍ୟନ୍ତ ଆହ୍ବାନଜନକ ପରିସ୍ଥିତିରେ ମଧ୍ୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ସମସ୍ତ ପୁରସ୍କାରପ୍ରାପ୍ତ ବୃତ୍ତିଧାରୀ ଏବଂ ନର୍ସିଂ କର୍ମଚାରୀ ଓ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଅବଦାନକୁ ରାଷ୍ଟ୍ରପତି ଉଚ୍ଚପ୍ରଶଂସା କରିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡା ଏବଂ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଧବ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ୧୯୭୩ ମସିହାରେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ଦେଶବ୍ୟାପୀ ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ମାଧ୍ୟମରେ ସେବା ପ୍ରଦାନ କରୁଥିବା ପଞ୍ଜୀକୃତ ନର୍ସ, ଧାଈ ଏବଂ ସହାୟକ ନର୍ସ ଓ ମହିଳା ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ଏହି ପୁରସ୍କାର ପାଇଁ ପ୍ରତିବର୍ଷ ମନୋନିତ କରାଯାଇଥାଏ। ପୁରସ୍କାର ବାବଦରେ ଏକ ପ୍ରମାଣପତ୍ର ଏବଂ ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଓ ପଦକ ପ୍ରଦାନ କରାଯାଇଥାଏ।

ନର୍ସିଂ ଦିବସ ପାଳନ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ନର୍ସଙ୍କ ନିଃସ୍ୱାର୍ଥପର ସେବାର ଉଚ୍ଚପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ କହିଛନ୍ତି, ଭାରତୀୟ ସଂସ୍କୃତିରେ 'ସେବା ପରମୋ ଧର୍ମ' ଭାବନାକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। କରୁଣାମୟ ବ୍ୟବହାର ଏବଂ ମାନବତ୍ତା ପ୍ରତି ଅକ୍ଲାନ୍ତ ସମର୍ପଣ ମାଧ୍ୟମରେ ନର୍ସମାନେ ଏହି ଆଦର୍ଶକୁ ପ୍ରମାଣ କରିପାରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ଦିବସ ଅବସରରେ ନର୍ସ ବୃତ୍ତିଧାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନିଟ୍ ବାତିଲ

ସ୍ନାତକ ଡାକ୍ତରୀ ପରୀକ୍ଷାରେ ପ୍ରବେଶ ପାଇଁ ଅନୁଷ୍ଠିତ ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ବାତିଲ କରାଯାଇଛି। ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଏହି ପରୀକ୍ଷା ଗତ ୩ ତାରିଖରେ ଦେଶବ୍ୟାପୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏନ୍‌ଟିଏ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଦ୍ୱାରା ଅଭିଯୋଗର ତଦନ୍ତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ମାଧ୍ୟମରେ ଏନ୍‌ଟିଏ ଦ୍ୱାରା ଯାଞ୍ଚ କରାଯିବା ପରେ

ପରୀକ୍ଷା ବାତିଲ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କୁହାଯାଇଛି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ଏବଂ ଜାତୀୟ ପରୀକ୍ଷା ବ୍ୟବସ୍ଥା ଉପରେ ରହିଥିବା ବିଶ୍ୱାସକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏନଟିଏ କହିଛି।  ତେବେ ପୁନଃ ପରୀକ୍ଷା ନେଇ ପରେ ସୂଚନା ପ୍ରଦାନ କରାଯିବ।  ପୁନଃ ପରୀକ୍ଷା ପାଇଁ ନୂତନ ପଞ୍ଜୀକରଣ କିମ୍ବା ଅତିରିକ୍ତ ପରୀକ୍ଷା ଦେୟ ଦେବାକୁ ପଡିବ ନାହିଁ ବୋଲି ଏନ୍‌ଟିଏ ସ୍ପଷ୍ଟ କରିଛି।

## କଳାମଣ୍ଡଳ ବୈଠକ

ରାଜ୍ୟର ସର୍ବବୃହତ୍ ପ୍ରେକ୍ଷାଳୟ ଓ ମୁକ୍ତାକାଶ ରଂଗମଂଚ କଳାମଣ୍ଡଳ ଓଡ଼ିଶାର ସାଂସ୍କୃତିକ ଗୌରବକୁ ନୂତନ ପରିଚୟ ଦେବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱର ସୈନିକ ସ୍କୁଲ ନିକଟରେ ନିର୍ମାଣାଧୀନ କଳାମଣ୍ଡଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ରାଜ୍ୟର ସଂସ୍କୃତିକୁ ବିଶ୍ୱବିଦିତ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ପ୍ରାୟ ୧୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା କଳାମଣ୍ଡଳ କମ୍ପ୍ଲେକ୍ସରେ ୨ ହଜାର ଆସନ ବିଶିଷ୍ଟ ପ୍ରେକ୍ଷାଳୟ ଏବଂ ୫୦୦ ଆସନ ବିଶିଷ୍ଟ ମୁକ୍ତାକାଶ ରଂଗମଂଚର କାର୍ଯ୍ୟ ଜାରି ରହିଛି। ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ନିୟମିତ ଅନ୍ତରାଳରେ ସମୀକ୍ଷା ବୈଠକ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅଗ୍ନି ନିରାପତ୍ତା, ଆଲୋକୀକରଣ, ଦୃଶ୍ୟ-ଶ୍ରାବ୍ୟ ବ୍ୟବସ୍ଥା ଉପରେ ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଥିଲେ। ନିର୍ମାଣକାର୍ଯ୍ୟ ଶେଷ ହେବା ପରେ ଖୁବ୍ ଶୀଘ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ।

# ନୀତିନ ନବୀନ-ଓଡ଼ିଶା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆସନ୍ତା ୧୮ ତାରିଖରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । ଦିନିକିଆ ଗସ୍ତ ଅବସରରେ ଦଳକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ଶ୍ରୀ ନବୀନ ଆଲୋଚନା କରିବେ । ଦଳୀୟ ଆଭିମୁଖ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି । ଶ୍ରୀ ନବୀନଙ୍କ ଗସ୍ତ ସମୟରେ ଦଳୀୟ କର୍ମକର୍ତ୍ତାଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଏଥିରେ ବୁଥ୍‌ସ୍ତରୀୟ ପରିଚାଳନା, ଡିଜିଟାଲ ଯୋଗାଯୋଗ ଏବଂ ଜନ ସହଯୋଗ ଉପରେ ପ୍ରଶିକ୍ଷଣ ଦିଆଯିବ ।

## ଆସାମ ମୁଖ୍ୟମନ୍ତ୍ରୀ

ଆସାମ ମୁଖ୍ୟମନ୍ତ୍ରୀ ଭାବେ ଏନ୍‌ଡିଏ ବିଧାୟକ ଦଳ ନେତା ହିମନ୍ତ ବିଶ୍ୱଶର୍ମା ଆଜି ଶପଥ ଗ୍ରହଣ କରିଛନ୍ତି । ଖାନପାଡାସ୍ଥିତ ପଶୁ ଚିକିତ୍ସା କଲେଜ ପଡିଆରେ ଆୟୋଜିତ ସମାରୋହରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଶ୍ରୀ ବିଶ୍ୱଶର୍ମାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ତାଙ୍କ ସହ ଅନ୍ୟ ୪ ଜଣ ବିଧାୟକ ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ମଣ୍ଡଳର ବହୁ ସଦସ୍ୟ ଯୋଗ ଦେଇଥିଲେ । ଶ୍ରୀ ବିଶ୍ୱଶର୍ମା କ୍ରମାଗତ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିବାବେଳେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ତୃତୀୟ ଥର ପାଇଁ ଆସାମରେ ସରକାର ଗଠନ କରିଛି ।

## ବାଲ୍ ପୁରସ୍କାର

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରତ୍ୟେକ ବର୍ଷ ସାହସିକତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା,

ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ପାଇଁ ୫ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏଥିପାଇଁ ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଆବେଦନ ଜାରି ରହିବ।

## ଭୀମ ଭୋଇ ଜୟନ୍ତୀ

ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଓଡ଼ିଶା ବିଧାନସଭା ପରିସରରେ ଥିବା ସନ୍ଥ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ସନ୍ଥ କବି ଓଡ଼ିଆ ଜାତି ପାଇଁ ଆଦର୍ଶ। ତାଙ୍କ ଚିନ୍ତାଧାରା ଓ ନୀତିବାଣୀ କୋଟି କୋଟି ଲୋକଙ୍କୁ ପ୍ରେରିତ କରୁଛି। କାର୍ଯ୍ୟକ୍ରମରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର-ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତିମଣତି ଆଜି ମଧ୍ୟାହ୍ନ ଧୂପ ପରେ ପୁଣି ଥରେ ଆରମ୍ଭ ହେବ । ଗଣତିମଣତି ସମୟରେ ବାହାର କାଠ ନିକଟରୁ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ କରିପାରିବେ । ଗତକାଲିଠାରୁ ଆରମ୍ଭ ହୋଇଥିବା ଗଣତିମଣତି କାର୍ଯ୍ୟ ଚଳିତମାସରେ ୯ ଦିନ ଧରି ଚାଲିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଚଳିତମାସରେ ଅନ୍ୟ ଦିନଗୁଡ଼ିକରେ ହେବାକୁ ଥିବା ଗଣତି ମଣତି ସମ୍ପର୍କରେ ସୂଚନା ଦେଇଛନ୍ତି ।

## ବାୟୁ ସ୍ୱାସ୍ଥ୍ୟସେବା

**ମାଲକାନଗିରି** ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଆଜିଠାରୁ ପୁନଃ ଆରମ୍ଭ ହୋଇଛି। କଟକ ଏସ୍‌ସିବି ମେଡିକାଲ କଲେଜର

ଏକ ୭ ଜଣିଆ ବିଶେଷଜ୍ଞ ଡାକ୍ତର ଦଳ ସ୍ୱତନ୍ତ୍ର ବିମାନ ଯୋଗେ ମାଲକାନଗିରିରେ ପହଂଚିବା ପରେ ଜିଲ୍ଲା ସଦର ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସଦର ଚିକିତ୍ସାଳୟରେ ଡାକ୍ତରୀ ଦଳ ବିଭିନ୍ନ ରୋଗୀଙ୍କ ଚିକିତ୍ସା କରିବେ। ଏହାର ସୁବିଧା ସୁଯୋଗ ନେବାକୁ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାର ରଂଜନ ପ୍ରହରାଜ ମାଲକାନଗିରି ଏବଂ ଆଖପାଖ ଅଂଚଳବାସୀଙ୍କୁ ପରାମର୍ଶ ଦେଇଛନ୍ତି।

## ପରିଷଦ ବୈଠକ

**ଭଦ୍ରକ** ଜିଲ୍ଲା ବାସୁଦେବପୁର ପଂଚାୟତରେ ଚାଲିଥିବା ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସ୍ଥିତି ନେଇ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଂଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ ଏବଂ ବିଧାୟକ ଅଶୋକ ଦାସ ପ୍ରମୁଖ ଯୋଗଦେଇ ଜଳଯୋଗାଣ, ରାସନକାର୍ଡ ବଣ୍ଟନ ସହିତ ଅନ୍ୟାନ୍ୟ କଲ୍ୟାଣକାରୀ ପଦକ୍ଷେପର କାର୍ଯ୍ୟସ୍ଥିତି ନେଇ ସମୀକ୍ଷା କରିଛନ୍ତି।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଜିଲ୍ଲାର ଆଖୁଆପଦାରେ ସର୍ବାଧିକ ୪୬ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଅପରପକ୍ଷରେ ଚଳିତ ସପ୍ତାହ ଶେଷଆଡକୁ ଦକ୍ଷିଣ-ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୀ ଅଗ୍ରସର ହେବା ନେଇ ପାଗ ଅନୁକୂଳ ଥିବା ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।